**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୦,୯୭,୧୧,୧୬୦ | ୬୨,୪୩,୯୫୯ | ୪୬,୨୬,୨୬,୩୯୯ |
| ଭାରତ | ୪,୩୦,୬୦,୦୮୬ | ୫,୨୨,୨୨୩ | ୪,୨୫,୨୧,୩୪୧ |
| ଓଡ଼ିଶା | ୧୨,୮୭,୯୯୮ | ୯୧୨୪(+୫୩) | ୧୨,୭୮,୭୩୭ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ପୁନରୁଦ୍ଧାର ହେବ ୪୨,୬୫୮ ହେକ୍ଟର ଜଳସେଚିତ ଜମି

**ଯାଜପୁର ଅଫିସ,୨୫।୪**

ସରକାର ରାଜ୍ୟ ବ୍ୟାପୀ ଶତପ୍ରତିଶତ ଜମିରେ ଜଳସେଚନର ସୁବିଧା ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଯୋଜନାରେ ପ୍ରକଳ୍ପଗୁଡ଼ିକରେ ଅଧିକରୁ ଅଧିକ ସେଚ ସାମର୍ଥ୍ୟ ବୃଦ୍ଧି କରିବା, କେନାଲର ରକ୍ଷଣାବେକ୍ଷଣ, ଫସଲ ଖସଡ଼ା ପ୍ରସ୍ତୁତି, ସୁଷମ ଜଳ ଆବଣ୍ଟନ ସକାଶେ ପାଣି ପଞ୍ଚାୟତ ସଂଖ୍ୟା ତଥା ଦକ୍ଷତା ବୃଦ୍ଧି କରାଯାଉଥିବା କୁହାଯାଉଛି। ପ୍ରତିବର୍ଷ ଅଧିକରୁ ଅଧିକ ସେଚନାଳୀ ନିର୍ମାଣ, ଗୋଷ୍ଠୀ ଜଳାଶୟ ମରାମତି, ପରିଚାଳନା ଓ ପୁନରୁଦ୍ଧାର ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇଛି। ହେଲେ ଜଳସମ୍ପଦ ବିଭାଗ ଅଧୀନ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକ ପୁରୁଣା ହୋଇଯାଇଥିବାରୁ ନିର୍ଦ୍ଧାରିତ କ୍ଷମତାଠାରୁ କମ୍ ଜମିରେ ପାଣି ମାଡୁଥିବା ବିଭାଗ ସ୍ୱୀକାର କରିଛି। ଏହି କାରଣରୁ ସାରା ରାଜ୍ୟରେ ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା(ଏନ୍‌ସିଏସ୍‌ୟୁୱାଇ) କାର୍ଯ୍ୟକାରୀ କରିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏନେଇ ଜଳ ସମ୍ପଦ ବିଭାଗ ପକ୍ଷରୁ ଗତ ୨୨ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ୨୦୨୦-୨୧ରୁ ୨୦୨୪-୨୫ ୫ବର୍ଷ ପାଇଁ ୮୨୩.୪୫ କୋଟି ଟଙ୍କା ବ୍ୟୟରେ ୪୨,୬୫୮ ହେକ୍ଟର ଜଳସେଚିତ ଜମିର ପୁନରୁଦ୍ଧାର କରାଯିବାକୁ ଲକ୍ଷ୍ୟ ଥିବା ଦର୍ଶାଯାଇଛି। ଏହାସହ ଅତିରିକ୍ତ ଭାବେ ୭,୪୪୨ ହେକ୍ଟର ଜମି ଜଳସେଚନ କରିବାକୁ ଲକ୍ଷ୍ୟ ରହିଛି।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମଦିନ ୨୩ ନଭେମ୍ବର ୨୦୧୭ରେ ଏହି ସେଚ ପ୍ରକଳ୍ପକୁ ରାଜ୍ୟ ସରକାର ମଞ୍ଜୁରୀ ଦେଇଥିଲେ। ନବରଙ୍ଗପୁର ଏବଂ ମାଲକାନଗିରି ଜିଲାରେ ପ୍ରଥମ ୩ ବର୍ଷ ପାଇଁ ପ୍ରାଥମିକ ଭାବେ ୬୩୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଘୋଷଣା ହୋଇଥିଲା। ଏହି ଅର୍ଥରେ ହଜିଯାଇଥିବା କମାଣ୍ଡ ଅଞ୍ଚଳର ପୁନରୁଦ୍ଧାର ଏବଂ ଜଳସେଚନ କମାଣ୍ଡରେ ଅତିରିକ୍ତ ଆୟକଟ ସୃଷ୍ଟି ଯୋଜନା ରହିଥିଲା। ବୃହତ୍ ଏବଂ ମଧ୍ୟମ ଜଳସେଚନ ପ୍ରକଳ୍ପ ଦ୍ୱାରା ୧୮,୮୫୪ ହେକ୍ଟର ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଦ୍ୱାରା ୨୪,୪୨୨ ହେକ୍ଟର ଜଳସେଚନ ସମ୍ଭାବନାକୁ ପୁନର୍ଜୀବିତ କରାଯାଇଛି ଏବଂ ୮,୬୧୧ ହେକ୍ଟର ଜମିରେ ନୂତନ ଆୟାକଟ ସୃଷ୍ଟି କରାଯାଇଛି ବୋଲି ବିଭାଗ ପକ୍ଷରୁ ଦର୍ଶାଯାଇଛି। ହେଲେ ଉକ୍ତ ଅର୍ଥ ଉପଯୁକ୍ତ ଭାବେ ଖର୍ଚ୍ଚ ହୋଇ ନ ଥିବା କାରଣରୁ ସରକାରଙ୍କ ଲକ୍ଷ୍ୟ ପରାହତ ହୋଇଛି ବୋଲି ମତପ୍ରକାଶ ପାଇଛି। ବର୍ତ୍ତମାନ ଏହି ଯୋଜନାକୁ ସରକାର ରାଜ୍ୟ ସାରା କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ଚାଷୀଙ୍କ ବିକାଶରେ ଦେଶର ଅର୍ଥନୀତି ନିର୍ଭରଶୀଳ ବୋଲି ବିଶ୍ୱାସ ରହିଛି। ତଦନୁଯାୟୀ ରାଜ୍ୟ ସରକାର କୃଷି କ୍ଷେତ୍ର ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ପ୍ରଶାସନିକ କଳରେ ଅବହେଳା ଯୋଗୁ ଯୋଜନାର ସଫଳତା ବହୁ ଦୂରରେ ରହିଯାଉଛି। ଫଳରେ ପୂର୍ବରୁ ଯେତେ ଯୋଜନା କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ନିର୍ଦ୍ଧାରିତ ଜମିରେ ଜଳସେଚନ ହୋଇ ପାରି ନ ଥିବା ମତପ୍ରକାଶ ପାଇଛି। ଯାଜପୁର ଜିଲାରେ ମେଗା ଉଠାଜଳସେଚନ ପ୍ରକଳ୍ପକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଏଥିରେ ଜିଲାର ବଡ଼ଚଣା, ବରୀ, ଧର୍ମଶାଳା, ଯାଜପୁର ଓ ରସୁଲପୁର ବ୍ଲକ ଅଞ୍ଚଳର ୯ଟି ପ୍ରକଳ୍ପ ଦ୍ୱାରା ୧୨,୮୦୦ ହେକ୍ଟର ଜମିରେ ଜଳସେଚନର ପରିକଳ୍ପନା ହୋଇଥିଲା। ହେଲେ ସେଥିରୁ ଏଯାଏ ଗୋଟିଏ ବି ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ ହୋଇ ପାରିନାହିଁ।

**ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା**

- ୫ ବର୍ଷରେ ଖର୍ଚ୍ଚ ହେବ ୮୨୩ କୋଟି ଟଙ୍କା
- ହ୍ରାସ ପାଇଛି ନିର୍ଦ୍ଧାରିତ ଜଳସେଚନ ପରିମାଣ

# ଆଲୋଚନା ମାଧ୍ୟମରେ ସମାଧାନ କର: ହାଇକୋର୍ଟ

**ନାଲ୍‌କୋ କ୍ୟାପ୍‌ଟିଭ୍ ପାୱାର ପ୍ଲାଣ୍ଟରେ କୋଇଲା ସଙ୍କଟ ମାମଲା**



**କଟକ ଅଫିସ, ୨୫।୪**

ହାଇକୋର୍ଟରେ ସୋମବାର ନାଲ୍‌କୋ କ୍ୟାପ୍‌ଟିଭ୍ ପାୱାର ପ୍ଲାଣ୍ଟରେ କୋଇଲା ସଙ୍କଟ ମାମଲାର ଶୁଣାଣି ହୋଇଛି। ପ୍ଲାଣ୍ଟରେ କୋଇଲା ସଙ୍କଟ କିପରି ଦୂର ହୋଇପାରିବ ଓ ସୁରୁଖୁରୁରେ ପ୍ଲାଣ୍ଟ ପରିଚାଳନା କରାଯାଇପାରିବ ସେନେଇ କେନ୍ଦ୍ର କୋଇଲା ସଚିବ, ଖଣି ସଚିବ, ଶକ୍ତି ସଚିବ, ରେଳ ବୋର୍ଡ ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ମହାନଦୀ କୋଲଡ୍ ଫିଲ୍ଡସ (ଏମ୍‌ସିଏଲ୍) ସିଏମ୍‌ଡି ଏବଂ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ (ନାଲ୍‌କୋ) ସିଏମ୍‌ଡି ମିଳିତ ଭାବେ ଆଲୋଚନା କରିବେ। ଆସନ୍ତା ୨୬ ତାରିଖରେ ଏହି ଆଲୋଚନା ହେବ। ଆଲୋଚନାର ବିସ୍ତୃତ ତଥ୍ୟକୁ ଅତିରିକ୍ତ ସଲିସିଟର ଜେନେରାଲ ପରବର୍ତ୍ତୀ ଶୁଣାଣି ବେଳେ ହାଇକୋର୍ଟରେ ଉପସ୍ଥାପନ କରିବେ। ସୋମବାର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ବିଚାରପତି ଆର୍. କେ. ପଟ୍ଟନାୟକ ଏହି ମାମଲାର ଶୁଣାଣି କରି ଉପରୋକ୍ତ ଆଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୭ ତାରିଖରେ ହେବ।

ସୂଚନା ଅନୁଯାୟୀ, ନାଲ୍‌କୋ ଅଫିସର୍ସ ଆସୋସିଏଶନ ପକ୍ଷରୁ ଶୁକ୍ରବାର ରୁଜୁ ମାମଲାରେ ଦର୍ଶାଯାଇଥିଲା ଯେ, ନାଲ୍‌କୋ କ୍ୟାପ୍‌ଟିଭ ପାୱାର ପ୍ଲାଣ୍ଟ ପାଇଁ ପ୍ରତିଦିନ ୧୮ ହଜାର ମେଟ୍ରିକ ଟନ କୋଇଲା ଆବଶ୍ୟକ। କିନ୍ତୁ ଏବେ ଏମ୍‌ସିଏଲ୍ ପକ୍ଷରୁ ଦୈନିକ ୫ ହଜାର ମେଟ୍ରିକ ଟନ କୋଇଲା ଯୋଗାଣ ହେଉଛି। ଫଳରେ ନାଲ୍‌କୋ ବନ୍ଦ ହୋଇଯିବା ନେଇ ଆଶଙ୍କା ଉପୁଜିଥିବା ଆବେଦନକାରୀମାନେ ଉଲ୍ଲେଖ କରିଥିଲେ। ଏହି ମାମଲାରେ ଶୁକ୍ରବାର ହାଇକୋର୍ଟ ହସ୍ତକ୍ଷେପ କରି ନାଲ୍‌କୋକୁ ପୂର୍ବତଟ ରେଲୱେ ୪ଟି ରେକ୍ କୋଇଲା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଯଦି ନାଲ୍‌କୋ ପକ୍ଷରୁ ଅନୁରୋଧ କରାଯାଏ, ତା'ହେଲେ ପୂର୍ବତଟ ରେଲୱେ ଏହାକୁ ପ୍ରାଥମିକତା ଦେବାକୁ କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଥିଲେ। ଏମ୍‌ସିଏଲ୍ ପ୍ରତିଦିନ ଭରତପୁରସ୍ଥିତ ମାଇନ୍ସରୁ ୪ଟି ରେକ୍ କୋଇଲା ଆଣି ନାଲ୍‌କୋର ଅନୁଗୋଳ ପ୍ଲାଣ୍ଟରେ ପହଞ୍ଚାଇବ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ଉଲ୍ଲେଖ କରିଥିଲେ। ଏଥିସହ ଏହି ମାମଲାରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ, ନାଲ୍‌କୋ ଏବଂ ଏମ୍‌ସିଏଲ୍‌କୁ ଜବାବ ଦାଖଲ ପାଇଁ ନୋଟିସ ଜାରି କରିଥିଲେ।

# ଯୁକ୍ତ୨ ପରୀକ୍ଷା: ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବ। ମେ' ୩୧ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ପ୍ରାୟତଃ ଶେଷ ହୋଇଛି। ପରୀକ୍ଷାକୁ ଦୃଷ୍ଟିରେ ରଖି ପରିଷଦ ପକ୍ଷରୁ ସୋମବାରଠାରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏହି ସେବା ମେ' ୩୧ ତାରିଖ ଯାଏ କାର୍ଯ୍ୟକ୍ଷମ ରହିବ। ଛାତ୍ରୀଛାତ୍ରମାନେ ୦୬୭୪-୨୩୦୩୮୦୩ ଓ ୦୬୭୪-୨୩୦୩୮୦୩ରେ ଯୋଗାଯୋଗ କରି ଯେକୌଣସି ଅଭିଯୋଗ ଓ ସନ୍ଦେହ ଦୂର କରିପାରିବେ। ସୂଚନାଯୋଗ୍ୟ, ଚଳିତବର୍ଷ ୩ଲକ୍ଷ ୨୧ ହଜାର ୫୦୮ ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେବେ। ଏଥିପାଇଁ ୧,୧୩୩ଟି ପରୀକ୍ଷା କେନ୍ଦ୍ର ଓ ୨୦୨ଟି ନୋଡାଲ୍ ସେଣ୍ଟର କରାଯାଇଛି। ଶୃଙ୍ଖଳିତ ପରୀକ୍ଷା ପାଇଁ ନୋଡାଲ୍ ସେଣ୍ଟର ଓ ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯାଇଛି।

# ମଧ୍ୟସ୍ଥତା କେନ୍ଦ୍ରରେ ଅଢ଼େଇ ଘଣ୍ଟା କାଉନ୍‌ସେଲିଂ

**ସୁମିତ-ତପସ୍ୱିନୀ ବିବାଦ ମାମଲା**

**୪ରେ ପୁଣି କାଉନସେଲିଂ କରାଯିବ**

**କଟକ ଅଫିସ, ୨୫।୪**

ସୁମିତ-ତପସ୍ୱିନୀ ପାରିବାରିକ ବିବାଦ ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ ସୋମବାର ଉଭୟଙ୍କୁ ମଧ୍ୟସ୍ଥତା କେନ୍ଦ୍ରରେ କାଉନସେଲିଂ କରାଯାଇଛି। ଅପରାହ୍ନ ୩ଟାରୁ ୫ଟା ୩୦ପର୍ଯ୍ୟନ୍ତ ଅଢ଼େଇ ଘଣ୍ଟା କାଳ ଏହି କାଉନସେଲିଂ ଚାଲିଥିଲା। ଆସନ୍ତା ୪ ତାରିଖ ଅପରାହ୍ନ ୩ଟାରେ ପୁନର୍ବାର କାଉନସେଲିଂ ପାଇଁ ଉଭୟଙ୍କୁ ମଧ୍ୟସ୍ଥତା କେନ୍ଦ୍ରରେ ହାଜର ହେବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ଦାମ୍ପତ୍ୟ ଜୀବନକୁ ନେଇ ବିବାଦ ଉଠିବା ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତ ୯ ତାରିଖରେ ପ୍ରଥମ ଥର ଲାଗି ସୁମିତ-ତପସ୍ୱିନୀ କାଉନସେଲିଂ ଟେବୁଲରେ ଏକାଠି ହୋଇଥିଲେ। ପ୍ରଥମ ଥର ୨ଘଣ୍ଟା ୩୦ମିନିଟ୍ ଓ ପରେ ୧୧ ତାରିଖରେ ୩ଘଣ୍ଟା ପର୍ଯ୍ୟନ୍ତ ଆଇନସେବା ଭବନ ପରିସରସ୍ଥ ମଧ୍ୟସ୍ଥତା କେନ୍ଦ୍ରରେ ଉଭୟଙ୍କୁ କାଉନସେଲିଂ କରାଯାଇଥିଲା। ଅଧିକାରୀ ପ୍ରଥମେ ଉଭୟଙ୍କୁ ଏକାଠି ବସାଇ ଓ ପରେ ପୃଥକ ପୃଥକ ଭାବେ କାଉନସେଲିଂ କରିଥିଲେ। କାହିଁକି ଓ କାହା ପାଇଁ ବିବାଦ ଉପୁଜିଥିଲା ପ୍ରଭୃତି ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ମଧ୍ୟସ୍ଥତା କେନ୍ଦ୍ରର ରିପୋର୍ଟ ଆଧାରରେ ଗତ ୧୩ ତାରିଖରେ ହାଇକୋର୍ଟରେ ସୁମିତ-ତପସ୍ୱିନୀ ପାରିବାରିକ ବିବାଦ ମାମଲାର ଶୁଣାଣି ହୋଇଥିଲା। ଏହି ଆଲୋଚନା ସଫଳ ହୋଇପାରି ନ ଥିଲା ବୋଲି ହାଇକୋର୍ଟଙ୍କୁ ଦିଆଯାଇଥିବା ରିପୋର୍ଟରେ କୁହାଯାଇଥିଲା। ବିଚାରପତି ଆଦିତ୍ୟ ମହାପାତ୍ରଙ୍କ ଖଣ୍ଡପୀଠ ପୁନର୍ବାର ମଧ୍ୟସ୍ଥତା କେନ୍ଦ୍ରରେ ଉଭୟଙ୍କୁ ବସାଇ ଆଲୋଚନା କରିବା ପାଇଁ ୧୩ ତାରିଖରେ ନିର୍ଦ୍ଦେଶ ଦେଇଥିଲେ।

# ବିଡିଓଙ୍କ ଗାଡ଼ି ଭାଙ୍ଗିଲେ, ପୋଲିସକୁ ପିଟିଲେ

**ଯୁବକଙ୍କ ଉନ୍ମତ୍ତକାଣ୍ଡ**



ସମୀର କୁମାର ପଣ୍ଡା

**ସଜନାଗଡ଼, ୨୫।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବଜାରରେ ସୋମବାର ଅପରାହ୍ନରେ ଜଣେ ଯୁବକ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ସେହିବାଟ ଦେଇ ଯାଉଥିବା ବିଡିଓଙ୍କ ସରକାରୀ ଗାଡ଼ିକୁ ସେ ଭଙ୍ଗାରୁଜା କରିବା ସହ ଅନେକ ବାଇକ୍ ଆରୋହୀଙ୍କୁ ମାର୍‌ପିଟ୍ କରି ଗାଡି ଭଙ୍ଗାରୁଜା କରିଛନ୍ତି। ସ୍ଥାନୀୟ ଲୋକେ ଅଟକାଇବାକୁ ଯାଇ ଆକ୍ରମଣର ଶିକାର ହୋଇଛନ୍ତି। ବଜାର ଅଞ୍ଚଳରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଥିବା ଖବରପାଇ ନୀଳଗିରି ଥାନା ପୋଲିସ ପହଞ୍ଚିଥିଲେ ମଧ୍ୟ ଯୁବକଜଣକ ଥାନା ଏଏସ୍‌ଆଇ ଅନନ୍ତ ମୁର୍ମୁ ଓ କନଷ୍ଟେବଳ ଚିତ୍ତରଞ୍ଜନ ନାୟକଙ୍କୁ ଆକ୍ରମଣ କରି ଆହତ କରିଥିଲେ। ଶେଷରେ ଥାନା ଭାରପ୍ରାପ୍ତ ଅଧିକାରୀ ବିରଞ୍ଚି ନାରାୟଣ ସାହୁ ସଦଳବଳ ପହଞ୍ଚି ତାଙ୍କୁ କାବୁ କରି ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରିଛନ୍ତି।

ସୂଚନା ଅନୁଯାୟୀ, କାହାଲିଆ (ଚକ୍ରଧରପୁର ଶାସନ) ଗ୍ରାମର ସମୀର କୁମାର ପଣ୍ଡା (୩୫) ଦୁର୍ଗାମଣ୍ଡପଠାରେ ଥିବା ଏକ ଗ୍ରସେରୀ ଦୋକାନ କରିଛନ୍ତି। ଅପରାହ୍ନ ସମୟରେ ସେ ଦୋକାନରେ ବସିଥିବା ବେଳେ ହଠାତ୍ ବାହାରକୁ ପଳାଇ ଆସି ଯାତାୟାତ କରୁଥିବା ଲୋକଙ୍କୁ ଭୟଭୀତ କରି ଆକ୍ରମଣ ଆରମ୍ଭ କରିଦେଇଥିଲେ। ସେହି ସମୟରେ ବିଡିଓଙ୍କ ସରକାରୀ ଗାଡି ଆସୁଥିବା ବେଳେ ସମୀର ହଠାତ୍ ଗାଡି ଆଗକୁ ଯାଇ ନିଜ ହାତରେ ଆଗ କାଚକୁ ଭାଙ୍ଗିଦେଇଥିଲେ। ସେହି ଗାଡିରେ ବିଡିଓ ନ ଥିବା ବେଳେ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଥିଲେ। ସେହି ରାସ୍ତାରେ ଯାଉଥିବା କାହାରିକୁ ସେ ଛାଡି ନ ଥିଲେ। ଗୋଡାଇ ଗୋଡାଇ ବାଇକ ଆରୋହୀଙ୍କୁ ଅଟକାଇବା ସହ ମାରପିଟ୍ କରି ଗାଡି ବାଇକ୍ ଭଙ୍ଗାରୁଜା କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚିଯିବାରୁ ସମୀର ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ପୋଲିସ ଗାଡ଼ିକୁ ମୁଣ୍ଡରେ ପିଟି ପିଟି ଆଗ ଓ ସାଇଡ୍ କାଚକୁ ଚୂରମାର୍ କରିଥିଲେ।

# ସାମାଜିକ ସୁରକ୍ଷା ହିତାଧିକାରୀଙ୍କୁ ଗ୍ରୀଷ୍ମକାଳୀନ ଭତ୍ତା

**ଭୁବନେଶ୍ୱର, ୨୫।୪(ବ୍ୟୁରୋ):** ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ହିତାଧିକାରୀଙ୍କୁ ଗ୍ରୀଷ୍ମକାଳୀନ ସହାୟତା (ସମର ଆଲାଉନ୍ସ) ମିଳିବ। ମେ' ମାସ ପାଇଁ ପ୍ରତ୍ୟେକଙ୍କୁ ୧୦୦ଟଙ୍କା ଲେଖାଏ ପ୍ରଦାନ କରାଯିବ। ଏ ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟରେ ପ୍ରାୟ ୪୮ ଲକ୍ଷ ୫୧ ହଜାର ହିତାଧିକାରୀ ଏହି ଆର୍ଥିକ ସହାୟତା ପାଇବେ। ସେହିପରି ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ନିମନ୍ତେ ରହିଥିବା ୧୦୩ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ତଥା ତାଲିମଦାତ୍ରୀଙ୍କ ପାଇଁ ପ୍ରସୂତିକାଳୀନ ଛୁଟି ଅନୁମୋଦିତ ହୋଇଛି। ସମ୍ପୃକ୍ତ କର୍ମଚାରୀ ୧୮୦ ଦିନ ବା ୬ ମାସ ପାଇଁ ଏହି ଛୁଟି ପାଇପାରିବେ ବୋଲି ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସୋମବାର ପ୍ରକାଶ କରିଛନ୍ତି।






# ଆଜିଠୁ ସିବିଏସ୍‌ଇ ପରୀକ୍ଷା

**ଭୁବନେଶ୍ୱର, ୨୫।୪ (ବ୍ୟୁରୋ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଟର୍ମ-୨ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେବ। ଦେଶରେ ପ୍ରାୟ ୩୫ ଲକ୍ଷ ପିଲା ପରୀକ୍ଷା ଦେବେ। ଦଶମ ଶ୍ରେଣୀରେ ୨୧ ଲକ୍ଷରୁ ଊର୍ଦ୍ଧ୍ୱ ପିଲା ପରୀକ୍ଷା ଦେବାକୁ ଥିବାବେଳେ ଏଥିପାଇଁ ୭,୪୦୬ ପରୀକ୍ଷା କେନ୍ଦ୍ର କରାଯାଇଛି। ସେହିପରି ଦ୍ୱାଦଶରେ ପ୍ରାୟ ୧୪ଲକ୍ଷରୁ ଊର୍ଦ୍ଧ୍ୱ ପିଲା ୬,୭୨୦ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ। ପରୀକ୍ଷା ପୂର୍ବାହ୍ନ ସାଢ଼େ ୧୦ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ତେବେ ୧୦ଟା ପୂର୍ବରୁ ପିଲାମାନେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ଦରକାର। ଏହାପରେ ଆଉ କାହାକୁ ଅନୁମତି ମିଳିବ ନାହିଁ। ୧୦ଟା ୧୫ରେ ପିଲାଙ୍କୁ ପ୍ରଶ୍ନପତ୍ର ମିଳିବ ଓ ପଢ଼ିବାକୁ ୧୫ ମିନିଟ୍ ସମୟ ଦିଆଯିବ। ତେବେ କରୋନା ନିୟମକୁ ପାଳନ କରାଯାଇ ପରୀକ୍ଷା କରିବା ପାଇଁ ପୂର୍ବରୁ ସିବିଏସ୍‌ଇ ନିର୍ଦ୍ଦେଶ ଦେଇଥିଲା। ଏଥିପାଇଁ ସବୁ ସ୍କୁଲରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଇନ୍‌ଫ୍ରାରେଡ୍ ଥର୍ମୋମିଟର ପାଇଁ ବୋର୍ଡ ପକ୍ଷରୁ ପ୍ରତି ସ୍କୁଲକୁ ୫ହଜାର ଲେଖାଏ ଏବଂ ପରିଚ୍ଛନ୍ନତା, ସାନିଟାଇଜର, ମାସ୍କ ପାଇଁ ଦିନକୁ ପ୍ରତି ପିଲାଙ୍କ ପିଛା ୫ଟଙ୍କା ଦିଆଯାଉଛି।









## ରାସ୍ତା ପାର୍ଶ୍ୱରୁ ଭେଣ୍ଡିଂ ଜୋନ୍ ବ୍ୟବସାୟୀଙ୍କୁ ଉଠାଇଲା ବିଏମ୍‌ସି

ବ୍ରହ୍ମପୁର ଅଫିସ,୨୫।୪

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୋମବାର ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍ ବାହାରେ ଅର୍ଥାତ ରାସ୍ତା ପାର୍ଶ୍ୱରେ ପରିବା ବ୍ୟବସାୟ କରୁଥିବା ବହୁ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଛି। ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ପକ୍ଷରୁ ଏହି ଉଚ୍ଛେଦ କରାଯାଇଛି। ସୂଚନାଯୋଗ୍ୟ, କୋଭିଡ ସମୟରେ ସଂକ୍ରମଣକୁ ରୋକିବା ପାଇଁ ଭେଣ୍ଡିଂ ଜୋନ୍‌ରେ ଥିବା ବ୍ୟବସାୟୀଙ୍କୁ ଭେଣ୍ଡିଂ ଜୋନ ବାହାରେ ବ୍ୟବସାୟ ପାଇଁ ଅନୁମତି ଦିଆଯାଇଥିଲା। ଏହାପରଠାରୁ ବ୍ୟବସାୟୀମାନେ ବ୍ୟବସାୟ ଆରମ୍ଭ କରିଥିଲେ। କିନ୍ତୁ ଦିନକୁ ଦିନ ବ୍ୟବସାୟୀଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ଟ୍ରାଫିକ ସମସ୍ୟାଠାରୁ ଆରମ୍ଭ କରି ଛୋଟ ବଡ ଦୁର୍ଘଟଣା ବୃଦ୍ଧି ପାଇଲା। ଅନ୍ୟପଟେ ବ୍ୟବସାୟୀଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ବହୁ ବ୍ୟବସାୟୀ ରାସ୍ତାକୁ ଜବରଦଖଲ କରି ବ୍ୟବସାୟ ଆରମ୍ଭ କରିଥିଲେ। ଯାହାକୁ ନେଇ ବିଭିନ୍ନ ମହଲରୁ ଅଭିଯୋଗ ହେବା ପରେ ସୋମବାର ବିଏମସି ପକ୍ଷରୁ ଏହି ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦ ବ୍ୟବସାୟୀଙ୍କୁ ଭେଣ୍ଡିଂ ଜୋନ ଭିତର ପାର୍ଶ୍ୱରେ ଥିବା ପିଣ୍ଡିରେ ବ୍ୟବସାୟ କରିବା ପାଇଁ ଅନୁମତି ଦିଆଯାଇଥିବା ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସୂଚନା ଦେଇଛନ୍ତି। କୋଭିଡ ମହାମାରୀ କାରଣରୁ ବ୍ୟବସାୟୀଙ୍କୁ ଭେଣ୍ଡିଂ ଜୋନ ବାହାରେ ବ୍ୟବସାୟ କରିବା ପାଇଁ ଅନୁମତି ଦିଆଯାଇଥିଲା। ବର୍ତ୍ତମାନ ଭେଣ୍ଡିଂ ଜୋନ ଭିତର ପାର୍ଶ୍ୱରେ ବ୍ୟବସାୟ ଓ ବାହାର ପାର୍ଶ୍ୱରେ ପାର୍କିଂ ସୁବିଧା ରହିବ ବୋଲି କମିଶନର କହିଛନ୍ତି। କିନ୍ତୁ ବ୍ୟବସାୟୀମାନେ ବିଏମସିର ଏଭଳି ନିଷ୍ପତ୍ତିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ୟବସାୟୀଙ୍କ ପକ୍ଷରୁ କୁହାଯାଇଛି, ବିଏମ୍‌ସି ପକ୍ଷରୁ ବିନା ନୋଟିସରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଆଜିର ଉଚ୍ଛେଦ ପରେ ବ୍ୟବସାୟୀମାନେ କ୍ଷତିର ସମ୍ମୁଖୀନ ହୋଇଥିବା କହିଛନ୍ତି। ଏଥିସହ ବର୍ତ୍ତମାନ ପ୍ରାୟ ୪୦୦ ବ୍ୟବସାୟୀ ରହିଛନ୍ତି। ଲକଡାଉନ ପରେ ବ୍ୟବସାୟୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏଣୁ ଭେଣ୍ଡିଂ ଜୋନ ଭିତରେ ସ୍ଥାନାଭାବରୁ ଏତେ ସଂଖ୍ୟକ ବ୍ୟବସାୟୀ ବ୍ୟବସାୟ କରିବା ସମ୍ଭବ ନୁହେଁ ବୋଲି ମତ ପ୍ରକାଶ ପାଇଛି। ଏ ନେଇ ସନ୍ଧ୍ୟାରେ ବହୁ ବ୍ୟବସାୟୀ ବ୍ରହ୍ମପୁର ବିଧାୟକଙ୍କୁ ଜଣାଇବା ପାଇଁ ଯାଇଥିବା ବେଳେ ସାକ୍ଷାତ ହୋଇ ନ ପାରିବାରୁ ବହୁ ବ୍ୟବସାୟ ନିରାଶ ହୋଇ ଫେରିଛନ୍ତି।


ବିଧାୟକଙ୍କ ବାସଭବନ ସମ୍ମୁଖରେ ବହୁ ବ୍ୟବସାୟୀ।

### ଭାଣିଜୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଲେ ମାମୁ

ବ୍ରହ୍ମପୁର ଅଫିସ, ୨୫।୪

ଗଞ୍ଜାମ ଜିଲା ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବିଦ୍ୟାନଗରରେ ସୋମବାର ରାତି ପ୍ରାୟ ୧୦ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ୧୩ ବର୍ଷୀୟା ଭାଣିଜୀଙ୍କ ଉପରେ ମାମୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ଗୁରୁତର ନାବାଳିକାଙ୍କୁ ତାଙ୍କ ମା' ଗ୍ରାମବାସୀଙ୍କ ସହାୟତାରେ ଏମ୍‌କେସିଜି ମେଡିକାଲକୁ ନେଇଛନ୍ତି। ନାବାଳିକାଙ୍କ ଶରୀରର ୯୦ ଭାଗ ପୋଡ଼ିଯାଇଥିବା ସୂଚନା ମିଳିଛି। ପୋଲିସ ତାଙ୍କ ଜମାନବନ୍ଦୀ ସଂଗ୍ରହ କରିଛି। ବୈଦ୍ୟନାଥପୁର ଥାନା ଅଧିକାରୀ ରାମ କୁମାର ମୁର୍ମୁଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କନ୍ଧମାଳ ଜିଲା ରାଇକିଆ ଅଞ୍ଚଳର ଅଭିଯୁକ୍ତ ମାମୁଙ୍କୁ ବୈଦ୍ୟନାଥପୁର ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି। ସେ କାହିଁକି ଭାଣିଜୀଙ୍କ ପୋଡିଲେ ତାହା ସ୍ପଷ୍ଟ ହୋଇନାହିଁ। ସୂଚନାଯୋଗ୍ୟ, କୌଣସି ଏକ ମାମଲାରେ ମାମୁ ଜେଲ ଯାଇଥିବା ବେଳେ କିଛିଦିନ ତଳେ ଜାମିନରେ ଆସିଥିଲେ ବୋଲି ପୋଲିସ ସୂଚନା ଦେଇଛି।

### ସଂକ୍ଷେପରେ

#### ଗଣେଶ ହାଜତ ମୃତ୍ୟୁ ମାମଲା ପରବର୍ତ୍ତୀ ଶୁଣାଣି ୬ରେ

ଗୋପାଳପୁର,୨୫।୪(ଡି.ଏନ୍.ଏ.): ଗତବର୍ଷ ମେ' ୩ରେ ଗଞ୍ଜାମ ଜିଲା ଗୋଳନ୍ଥରା ଥାନାରେ ହାଜତ ମୃତ୍ୟୁ ହୋଇଥିଲା। ଏଥିରେ ଗଣେଶ ଡାକୁଆଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ମୃତକଙ୍କ ମା' ଶୋଭା ସିବିଆଇ ତଦନ୍ତ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ସୋମବାର ଜଷ୍ଟିସ ବିଶ୍ୱଜିତ ମହାନ୍ତିଙ୍କ କୋର୍ଟରେ ଏହାର ଶୁଣାଣି ହୋଇଛି। ଆସନ୍ତା ୬ ତାରିଖରେ ପରବର୍ତ୍ତୀ ଶୁଣାଣି ହେବା ପାଇଁ କୋର୍ଟ ଧାର୍ଯ୍ୟ କରିଛନ୍ତି। ସୂଚନାନୁସାରେ, ଗୋଳନ୍ଥରା ଥାନା ଅନ୍ତର୍ଗତ ରଙ୍ଗିପୁର ଗ୍ରାମରେ ଗତବର୍ଷ ମେ' ୩ରେ ଗଣେଶ ଓ ଗ୍ରାମର କିଛି ଲୋକଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଗୋଳନ୍ଥରା ଥାନା ପୋଲିସ ମୌଖିକ ଅଭିଯୋଗ ପାଇ ଗଣେଶଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଥିଲା। ସେହିଦିନ ସନ୍ଧ୍ୟାରେ ଥାନା ପରିସରରେ ଥିବା ହାଜତରେ ମୃତ୍ୟୁ ଘଟିଥିଲା। ପୋଲିସ ତରବରିଆ ଭାବେ ରାତିରେ ବ୍ୟବଚ୍ଛେଦ କରି ଦେଇଥିଲା। ଏନେଇ ମୃତ ଗଣେଶଙ୍କ ମା' ଶୋଭା ଗତବର୍ଷ ମେ' ୫ରେ ମୋ ପୁଅକୁ ଆମ ଗ୍ରାମର ପୂର୍ବତନ ଉପାଧ୍ୟକ୍ଷ ତାଙ୍କ ଭାଇ, ତତ୍କାଳୀନ ଥାନାଧିକାରୀ ଏଏସ୍‌ଆଇ ଓ ଜଣେ କନଷ୍ଟେବଲ ମିଶି ହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିଥିଲେ।

#### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଆସିକା,୨୫।୪ (ଡି.ଏନ୍.ଏ): ଗତ ୮ ଦିନ ଧରି ଆସିକାସ୍ଥିତ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀଙ୍କ ଲାଗି ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଛି। କଲେଜ ଅଧ୍ୟକ୍ଷ ଗଣେଶ୍ୱର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜିକ ଡ. ଅମୃତା ସେଠୀ ଯୋଗ ଦେଇ ଛାତ୍ରୀମାନଙ୍କ ପାଇଁ ଆତ୍ମ ସୁରକ୍ଷା ତାଲିମର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ମାଷ୍ଟର ଟ୍ରେନ୍‌ର ଚାନ୍ଦିନୀ ପ୍ରଧାନ, ସାଗରିକା ଗୌଡ, ସଙ୍ଗିତା ନାହାକ ପ୍ରଶିକ୍ଷଣ ଦେଇଥିଲା ବେଳେ ଶିବିରର ସଂଯୋଜିକା ଲିନା ଲିଲିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

#### ୨ ଶିକାରୀ ଗିରଫ, କୁଟୁରା ମାଂସ ଜବତ

ଜଗନ୍ନାଥପ୍ରସାଦ,୨୫।୪(ଡି.ଏନ.ଏ.):ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧୀନ ସଂରକ୍ଷିତ ଜଙ୍ଗଲ କମ୍ପାର୍ଟ ମେ ୧୦ ନମ୍ବର କୁରୁଡେଇ ଗ୍ରାମ ନିକଟରୁ କୁଟୁରା ମାଂସ ଧରି ଆସୁଥିବା ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ହରିଡ଼ା ପଦର ଗ୍ରାମର ସୁବାସ ଦୋଷନ୍ଧୀ (୬୨) ଓ ରବୀନ୍ଦ୍ର ନାଇକ (୪୮)। ଏହି ଦୁଇ ଶିକାରୀ କୁଟୁରା ମାରି ତାର ମାଂସ ବିକିବା ପାଇଁ ଆଣୁଥିବା ଖବର ପାଇ ବନଖଣ୍ଡ ଅଧିକାରୀ ସେମାନଙ୍କୁ ଧରିଥିଲେ। ତାଙ୍କ ନିକଟରୁ ପ୍ରାୟ ସାତ କେଜି କୁଟୁରା ମାଂସ, କୁଟୁରା ଛାଲ, ଛୁରୀ, ବାରୁଦଗୁଣ୍ଡ, ଟାଙ୍ଗିଆ ସହ ପେସନପ୍ରୋ (ନଂ ଓଆର ୦୭ଏକ୍ସ ୪୬୫୧) ମୋଟର ସାଇକେଲ ଜବତ ହୋଇଛି। ଏ ନେଇ ନଂ. ୩୫/୨୨-୨୩ରେ ମାମଲା ରୁଜୁ ହୋଇଛି। ଉକ୍ତ ଚଢ଼ାଉରେ ବନାଞ୍ଚଳ ଅଧିକାରୀଙ୍କ ସହ ବେଲଗୁଣ୍ଠା ବନପାଳ ସୁରଭି ତ୍ରିପାଠୀ, ଜଗନ୍ନାଥପ୍ରସାଦ ବନପାଳ ଇସ୍ୱା ଗଣେଶ, ଗେରେଡା ବନପାଳ କଳାବଦନ ଦାସ, ବନରକ୍ଷୀ ବିନୋଦ ପାତ୍ର ପ୍ରମୁଖ ସାମିଲ ଥିଲେ।

#### ବୃଦ୍ଧଙ୍କଠାରୁ ୧୦ ହଜାର ଠକି ନେଲେ ଦୁର୍ବୃତ୍ତ

ଗଞ୍ଜାମ,୨୫।୪(ଡି.ଏନ୍.ଏ.)
୧୯୯୯ରେ ହୋଇଥିବା ବନ୍ୟା ଓ ବାତ୍ୟାର କ୍ଷୟକ୍ଷତି ସହାୟତା ନାଁରେ ଜଣେ ବୃଦ୍ଧଙ୍କଠାରୁ ୧୦ ହଜାର ଟଙ୍କା ଦୁର୍ବୃତ୍ତ ଠକି ନେଇଛନ୍ତି। ଏହି ଠକାମିର ଶିକାର ହୋଇଛନ୍ତି ଗଞ୍ଜାମ ଥାନା ଅନ୍ତର୍ଗତ ଦାମୋଦରପୁର ଗ୍ରାମର ଗୁରେନ୍ଦ୍ର ବେହେରା (୭୪)। ଗତ ଶନିବାର ଏକ ବାଇକ୍‌ରେ ଜଣେ ଦୁର୍ବୃତ୍ତ ଗୁରେନ୍ଦ୍ରଙ୍କ ଘରକୁ ଆସିଥିଲେ। ତୁମର ବନ୍ୟା, ବାତ୍ୟା ସହାୟତା ଅର୍ଥ ୩ ଲକ୍ଷ ୫୦ ହଜାର ଟଙ୍କା ଆସିଛି ବୋଲି କହିଥିଲେ। ଏଥିପାଇଁ ୨୫ ହଜାର ୫ ଶହ ଦିଅ ମୁଁ ଷ୍ଟେଟ୍ ବ୍ୟାଙ୍କରୁ ଚେକ୍ ଆଣିଦେବି ବୋଲି କହିଥିଲେ। ମୁଁ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଆସିଛି ବୋଲି କହି ପରିବାରବର୍ଗଙ୍କ ବିଶ୍ୱାସ ଜନ୍ମାଇଥିଲେ। ଏତେ ଟଙ୍କା ଆମ ପାଖରେ ନାହିଁ କହିବା ପରେ ଯାହା ଅଛି ତୁମ ପାଖରେ ଦିଅ ବୋଲି ବୃଦ୍ଧଙ୍କୁ କହିବାରୁ ୧୦ ହଜାର ଟଙ୍କା ଗୁରେନ୍ଦ୍ର ଦେଇଥିଲେ। ପରେ ବ୍ୟାଙ୍କ ପାସ୍‌ବୁକ ଓ ଆଧାର କାର୍ଡ ଧରି ଆସିବାକୁ କହି ଗାଡ଼ିରେ ବସାଇ ନେଇଥିଲା। ଗଞ୍ଜାମ ସହର ସ୍ଥିତ ସାନବଜାରରେ ତାଙ୍କୁ ବସିଥାଅ ମୁଁ ବ୍ୟାଙ୍କରୁ ଆସୁଛି କହି ଚମ୍ପଟ ମାରିଥିଲେ।

## ପାରଳା ମହାରାଜା କ୍ଷମତାରେ ଥିଲେ ସାଢ଼େ ୩ ମାସ

### ଆଜି କୃଷ୍ଣଚନ୍ଦ୍ର ଗଜପତିଙ୍କ ଜନ୍ମ ତିଥି

ବ୍ରହ୍ମପୁର ଅଫିସ,୨୫।୪

ଭାଷା ଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ସ୍ୱର୍ଗତ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ। ଏଥିପାଇଁ ଇଂଲଣ୍ଡରେ ହୋଇଥିବା ବ୍ରିଟିଶ ସରକାରଙ୍କ ଗୋଲଟେବୁଲ ବୈଠକରେ ସେ ଯୋଗଦେଇ ସ୍ୱତନ୍ତ୍ର ରାଜ୍ୟ ଗଠନ ଲାଗି ଯୁକ୍ତି ବାଢ଼ିଥିଲେ। ଫଳରେ ୧୯୩୫ରେ ଇଂଲଣ୍ଡ ପାର୍ଲାମେଣ୍ଟରେ ଗହୀତ ହୋଇଥିଲା ଭାରତ ଶାସନ ଆଇନ। ଏହି ଆଇନ ଯୋଗୁ ଓଡ଼ିଶାକୁ ମିଳିଥିବା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା। ତେଣୁ ୧୯୩୬ ଏପ୍ରିଲ ୧ରେ ଗଠିତ ହୋଇଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ। ଏହାପରେ ଶାସନ କ୍ଷମତା ଲାଗି ଆରମ୍ଭ ହୋଇଥିଲା ରାଜନୀତି। ବ୍ରିଟିଶ ସରକାରଙ୍କ ନିୟମ ପ୍ରକାରେ ବିଧାନସଭା ପାଇଁ ୬୦ ଆସନ ନିର୍ଦ୍ଧାରିତ ହୋଇଥିଲା। ଏଥିରୁ ୪ ଆସନ ତତ୍କାଳୀନ ଗଭର୍ଣ୍ଣରଙ୍କ ଦ୍ୱାରା ମନୋନୀତ ହେବାର ବ୍ୟବସ୍ଥା ଥିଲା। ଅବଶିଷ୍ଟ ୫୬ ଆସନ ଲାଗି ନିର୍ବାଚନ ହେବାର ଆଇନରେ ସ୍ପଷ୍ଟ କରାଯାଇଥିଲା।

ସ୍ୱତନ୍ତ୍ର ଓଡ଼ିଶାରେ ୧୯୩୭ରେ ହୋଇଥିଲା ପ୍ରଥମ ନିର୍ବାଚନ। ସେଇଠୁ ଆରମ୍ଭ ହେଲା କଂଗ୍ରେସର ଗୋଷ୍ଠୀ କନ୍ଦଳ ଓ ଗୋଡଟଣା ରାଜନୀତି। ସ୍ୱାଭିମାନୀ ମହାରାଜା କଂଗ୍ରେସରୁ ଦୂରେଇ ଅଲଗା ଦଳ ଗଠନ କରିଥିଲେ। ତାହାର ନାମ ନ୍ୟାଶନାଲ ପାର୍ଟି ରଖିଥିଲେ। ଗଜପତିଙ୍କ ପାର୍ଟି ୧୩ ଆସନରେ ବିଜୟୀ ହୋଇଥିବା ବେଳେ କଂଗ୍ରେସକୁ ୩୭ ଆସନ ମିଳିଥିଲା। କନିକା ରାଜା ରାଜେନ୍ଦ୍ର ନାରାୟଣଙ୍କ ୟୁନାଇଟେଡ ପାର୍ଟି ୬ ଆସନରେ ଜିତିଥିଲା। ସେତେବେଳେ ପ୍ରଦେଶ କଂଗ୍ରେସ ସଭାପତି ଥିଲେ ପଣ୍ଡିତ ନୀଳକଣ୍ଠ ଦାସ। ବୃହତ୍ତ ଦଳ ଭାବେ କଂଗ୍ରେସ ସରକାର ଗଠନ କରିବା କଥା। ତେବେ ଅନ୍ତଃକନ୍ଦଳ ଯୋଗୁ ସମ୍ଭବ ହୋଇନଥିଲା। ତେଣୁ ଦ୍ୱିତୀୟ ସଂଖ୍ୟା ଗରିଷ୍ଠତା ଦୃଷ୍ଟିରୁ କୃଷ୍ଣଚନ୍ଦ୍ରଙ୍କୁ ସରକାର ଗଠନ ଲାଗି ଗଭର୍ନର ବା ରାଜ୍ୟପାଳ ନିମନ୍ତ୍ରଣ କଲେ। ଫଳରେ ପାରଳା ମହାରାଜା ୧୯୩୭ ଏପ୍ରିଲ ୧ରେ ତତ୍କାଳୀନ ଓଡ଼ିଶା ପ୍ରଧାନମନ୍ତ୍ରୀ (ବର୍ତ୍ତମାନର ମୁଖ୍ୟମନ୍ତ୍ରୀ) ଭାବେ ଶପଥ ଗ୍ରହଣ କରିଥିଲେ।

ଗଜପତିଙ୍କ ମନ୍ତ୍ରୀମଣ୍ଡଳରେ ମାତ୍ର ୩ ଜଣ ସ୍ଥାନ ପାଇଥିଲେ। ହେଲେ ନ୍ୟାଶନାଲ ପାର୍ଟି ସରକାର ମାତ୍ର ୩ ମାସ ୧୮ ଦିନରେ ପତନ ହୋଇଗଲା। ୧୯୩୭ ଜୁଲାଇ ୧୯ରେ କୃଷ୍ଣଚନ୍ଦ୍ର କ୍ଷମତାଚ୍ୟୁତ ହେଲେ। ପରିବର୍ତ୍ତିତ ସ୍ଥିତିରେ କଂଗ୍ରେସରୁ ବିଶ୍ୱନାଥ ଦାସ ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ଭାବେ ସରକାର ଗଠନ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ଓ ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଅବିଭକ୍ତ ଗଞ୍ଜାମ ଜିଲାର ଯଥାକ୍ରମେ କୃଷ୍ଣଚନ୍ଦ୍ର ଗଜପତି ଓ ବିଶ୍ୱନାଥ ଦାସ ହୋଇଥିଲେ। ଏହା ଗଞ୍ଜାମ ଜିଲା ପାଇଁ ଗର୍ବିତ କରିଥିଲା। ପାରଳା ମହାରାଜା ୧୮୯୨ ଏପ୍ରିଲ ୨୬ରେ ଜନ୍ମଗ୍ରହଣ କରିଥିଲେ। ୧୯୭୪ ମେ ୨୫ରେ ତାଙ୍କର ପରଲୋକ ହୋଇଥିଲା।


ମହାରାଜା କୃଷ୍ଣଚନ୍ଦ୍ର ଗଜପତି ।

## ଦୁଇଦିନିଆ ରିମାଣ୍ଡରେ ମୋଗଲି ଓ ବୁଡୁ

ବ୍ରହ୍ମପୁର ଅଫିସ,୨୫।୪

ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ବୁଡୁ ଓରଫ କୈଳାସ ଚନ୍ଦ୍ର ମହାନ୍ତି ଓ ମୋଗଲି ଓରଫ ସନ୍ଦୀପ କୁମାର ସାହୁଙ୍କୁ କୋର୍ଟଙ୍କ ଅନୁମତିକ୍ରମେ ଟାଉନ ଥାନା ପୋଲିସ ଦୁଇଦିନିଆ ରିମାଣ୍ଡରେ ଆଣିଛି। ସୋମବାର ପୋଲିସ ଉଭୟ ଅଭିଯୁକ୍ତଙ୍କୁ ମୁହାଁମୁହିଁ ଜେରା କରିଥିବା ବେଳେ ମଙ୍ଗଳବାର ମଧ୍ୟ ଉଭୟଙ୍କୁ ବନ୍ଧୁକ ଚାଲାଣ ସମ୍ପର୍କରେ ପଚରାଉଚରା କରାଯିବ ବୋଲି ପୋଲିସ କହିଛି। ମୋଗଲି ବନ୍ଧୁକ ଚାଲାଣ କରୁଥିବା ନେଇ ବୁଡୁ ପୂର୍ବରୁ ପୋଲିସକୁ କହିଛନ୍ତି। ତେବେ ମୋଗଲି ଏହି ବନ୍ଧୁକ କେଉଁ ରାଜ୍ୟରୁ ଆଣିଛନ୍ତି ସେ ନେଇ ପୋଲିସ ଏବେ ପଚରାଉଚରା କରୁଛି। ସେହିପରି ଏହି ବନ୍ଧୁକ ଚାଲାଣ ରାକେଟରେ କେଉଁମାନେ ସାମିଲ ଅଛନ୍ତି ସେ ନେଇ ମଧ୍ୟ ପୋଲିସ ଉଭୟଙ୍କୁ ଜେରା କରିଛି। ପୋଲିସ ବୁଡୁ ପାଖରୁ ବନ୍ଧୁକ ଜବତ କରିଛି।

ପ୍ରକାଶ ଯେ, କିଛି ଦିନ ତଳେ ପୋଲିସ ପୁରୁଣା ବ୍ରହ୍ମପୁରର କୈଳାସ ଚନ୍ଦ୍ର ମହାନ୍ତି ଓରଫ ବୁଡୁ(୪୦)ଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ସେହିପରି ବୁଡୁ ସେହି ବନ୍ଧୁକଟି ସୁବାରାଓ ଛକ ପୁରୁଣା ଖ୍ରୀଷ୍ଟିଆନ୍ ସାହିର ସନ୍ଦୀପ କୁମାର ସାହୁ ଓରଫ ମୋଗଲି(୪୦)ଙ୍କ ଠାରୁ କିଣିଥିବା ପୋଲିସକୁ ସୂଚନା ଦେଇଥିଲେ। ପରେ ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଡୁ ନାଁରେ ପୂର୍ବରୁ ୪ରୁ ଅଧିକ ମାମଲା ରହିଥିବା ବେଳେ ମୋଗଲି ନାଁରେ ଗୋଟିଏ ମାମଲା ରହିଛି। ଯେହେତୁ ଏହି ୨ ଅଭିଯୁକ୍ତ ପୂର୍ବରୁ ଆପରାଧିକ ମାମଲାରେ ସମ୍ପୃକ୍ତ ଅଛନ୍ତି, ତେଣୁ ସେମାନେ ଲୁଚାଛପାରେ ବନ୍ଧୁକ କିଣାବିକା କରୁଥିବା ପୋଲିସ ସନ୍ଦେହ କରି ସେମାନଙ୍କୁ ରିମାଣ୍ଡରେ ନେବା ପାଇଁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲା। ଏସ୍‌ଡିଜେଏମ୍ ଜିତେନ୍ଦ୍ରୀୟ ପାଣିଗ୍ରାହୀ ଉପରୋକ୍ତ ୨ ଅଭିଯୁକ୍ତଙ୍କୁ ଦୁଇଦିନିଆ ରିମାଣ୍ଡରେ ନେବା ପାଇଁ ପୋଲିସକୁ ଅନୁମତି ଦେଇଥିଲେ।

## ଘଣ୍ଟାଏ ବର୍ଷାରେ ରାୟଗଡ଼ର ଅବସ୍ଥା ଶୋଚନୀୟ

### ସାହିରେ କୁଢ଼ କୁଢ଼ ଅଳିଆ ଆବର୍ଜନା, ଘରେ ପଶିଲା ଡ୍ରେନ୍ ପାଣି


ଡ୍ରେନେରୁ ଅଳିଆ ଆବର୍ଜନା ସଫା କରାଯାଉଛି।

ରାୟଗଡ଼(ଗଜପତି)୨୫।୪

ଗଜପତି ଜିଲା ରାୟଗଡ଼ ବ୍ଲକ ସଦର ମହକୁମାରେ ସୋମବାର ଘଣ୍ଟାଏ କାଳ ବୈଶାଖୀ ବର୍ଷାରେ ରାୟଗଡ଼ର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସାହି ଗୁଡିକର ଡ୍ରେନ୍ ସବୁ ପୋତି ହୋଇ ଯାଇଥିବାରୁ ମୁଖ୍ୟ ରାସ୍ତା ଉପରେ ଆଣ୍ଠୁଏ ପାଣି ଓ କୁଢ଼ କୁଢ଼ ଅଳିଆ ଆବର୍ଜନା ଭାସି ଆସି ଲୋକଙ୍କ ଘର ଭିତରେ ପଶିଯାଇଛି। ଏନେଇ ସାଧାରଣରେ ଅଶୋନ୍ତୋଷ ପ୍ରକାଶ ପାଉଛି।

ପ୍ରକାଶ ଯେ, ରାୟଗଡ଼ ବ୍ଲକ ସଦର ମହକୁମାରେ ଥିବା ସାହି ଗୁଡିକରେ ଦୀର୍ଘ ବର୍ଷ ହେବ ଡ୍ରେନେଜ୍ ସଫା ହେଉନଥିବାରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଫଳରେ ଟିକିଏ ବର୍ଷା ହେଲେ ରାୟଗଡ଼ ଅବସ୍ଥା ଶୋଚନୀୟ ହୋଇପଡୁଛି। ଫଳରେ ମୁଖ୍ୟ ରାସ୍ତା, ବଜାର ଛକ, ବିଶୋୟୀ ସାହି, ଓଡ଼ିଆ ସାହି, ବଢ଼େଇ ସାହି, ଖ୍ରୀଷ୍ଟିୟାନ ସାହି ଆଦି ପ୍ରତି ସାହି ଗୁଡ଼ିକରେ ଡ୍ରେନେଜ୍ ସଫା ନ ହୋଇ ପୋତି ହୋଇଯାଇଛି। ଏହା ସହ ମଶା ମାଛିର ପ୍ରାଦୁର୍ଭାବ ବଢ଼ି ଲୋକଙ୍କୁ ଶାନ୍ତିରେ ଶୁଆଇ ବସାଇ ଦେଉନାହାନ୍ତି। ବ୍ଲକ ସଦର ମହକୁମା ହୋଇଥିବାରୁ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଦାବି ହେଉଛି। ଏ ନେଇ ପିଇଓ ରାସ ବିହାରୀ ପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ତୁରନ୍ତ ଏହା ଉପରେ ପଦକ୍ଷେପ ନେଇ ରାୟଗଡ଼ର ପରିମଳ ବ୍ୟବସ୍ଥା ଉପରେ କିପରି ସୁଧାର ଅଣାଯାଇପାରିବ ସେ ନେଇ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।

### ଦୁର୍ଘଟଣାରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀଙ୍କ ମୃତ୍ୟୁ ଘଟଣା

## ଏଆର୍‌ଏସ୍‌ଏସ୍ କମ୍ପାନୀ ମ୍ୟାନେଜର, ସୁପରଭାଇଜର ଗିରଫ

ଧରାକୋଟ,୨୫।୪(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଧରାକୋଟ ଢଉଗାଁ ଛକରେ ଏକ ସଡ଼କ ଦୁର୍ଘଟଣାରେ ଶନିବାର ରାତିରେ ବ୍ରହ୍ମପୁର ସହର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର ଜଣେ ଉଦୀୟମାନ ପ୍ରତିଯୋଗୀ ରବୀନ୍ଦ୍ର ସାହୁ (୨୫)ଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ସହଯାତ୍ରୀ ଥିବା ଅନ୍ୟ ଜଣେ ପ୍ରତିଯୋଗୀ ସନ୍ତୋଷ ସାହୁ ଗୁରୁତର ହୋଇଥିଲେ। ଏ ନେଇ ଧରାକୋଟ ଥାନାରେ ନଂ.୯୭/୨୨ରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଧରାକୋଟ ପୋଲିସ ସୋମବାର ଏଆର୍‌ଏସ୍‌ଏସ୍ କମ୍ପାନୀ ମ୍ୟାନେଜର ପ୍ରମୋଦ କୁମାର ସିଂ ଓ ସାଇଟ ଇନଚାର୍ଜ ଉମେଶ ସାମଲଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଏଆର୍‌ଏସ୍‌ଏସ୍ କମ୍ପାନୀ ଲୋକଙ୍କ ସୁରକ୍ଷା ପାଇଁ କୌଣସି ଚିନ୍ତା ନ କରି ଢଉଗାଁଠାରୁ ଘାସିବିଲି ମଧ୍ୟରେ ଜାତୀୟ ରାଜପଥ ୫୯ର ନିର୍ମାଣ କରିଛି। ଫଳରେ ସେଠାରେ ବାରମ୍ବାର ଦୁର୍ଘଟଣା ଘଟି ଲୋକଙ୍କ ପ୍ରାଣ ଯାଉଛି। ତେବେ କମ୍ପାନୀର ମନମୁଖୀ କାର୍ଯ୍ୟ ପାଇଁ ଧରାକୋଟ ଥାନାଧିକାରୀ ଉମାକାନ୍ତ ସାହୁ ଘଟଣାସ୍ଥଳରେ ପରିଦର୍ଶନ କରି ସର୍ବସାଧାରଣ ପାଇଁ ଆବଶ୍ୟକ ସୁରକ୍ଷା ନେବାସହ ତୁରନ୍ତ ନିର୍ମାଣାଧୀନ ସ୍ଥାନରେ ବେରିକେଟ ଲଗାଇବା ସହ ସଚେତନ ପାଇଁ ବୋର୍ଡ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପୋଲିସ ସମ୍ପୃକ୍ତ କମ୍ପାନୀକୁ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛି।

## ୨ ନାବାଳକଙ୍କ ସମେତ ୪ଜଣଙ୍କୁ ଧରିଲା ପୋଲିସ

### ମାରଣାସ୍ତ୍ର ଧରି ଭିଡିଓ ପ୍ରସ୍ତୁତ ସହ ଧମକ

ବ୍ରହ୍ମପୁର ଅଫିସ,୨୫।୪

ମାରଣାସ୍ତ୍ର ଧରି ଭିଡିଓ ପ୍ରସ୍ତୁତ କରି ଲୋକଙ୍କୁ ଆତଙ୍କିତ କରିବା ସହ ଧମକ ଦେବା ଅଭିଯୋଗରେ ୨ ନାବାଳକଙ୍କ ସମେତ ୪ଜଣଙ୍କୁ ବୈଦ୍ୟନାଥପୁର ପୋଲିସ ସୋମବାର ଧରିଛି। ୨ ଜଣ ଅଭିଯୁକ୍ତ ହେଲେ କମାପଲି ଅଞ୍ଚଳର ପ୍ରଶାନ୍ତ ସେଠୀ ଓ ଦୀପକ ଦାସ। ପୋଲିସ ଅଭିଯୁକ୍ତଙ୍କଠାରୁ ଗୋଟିଏ ଖେଳଣା ବନ୍ଧୁକ, ୨ଟି ଅଫୁଟା ବୋମା ଓ ଖଣ୍ଡା ଜବତ କରିଛି। ପରେ ମାମଲା ନଂ.୧୧୫/୨୨ରେ ପ୍ରଶାନ୍ତ ଓ ଦୀପକଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କୁ କୋର୍ଟ ନିର୍ଦ୍ଦେଶରେ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଏହି ଘଟଣାରେ ୨ ନାବାଳକଙ୍କୁ ମଧ୍ୟ ଧରିଥିବା ପୋଲିସ କହିଛି। ନାବାଳକ ଦ୍ୱୟଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଥିଲା। ପରେ ସେମାନଙ୍କୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି।

ପ୍ରକାଶ ଯେ, କେଜିଏଫ୍-୨ ରିଲିଜ୍ ହେବା ପରେ ଯୁବପିଢ଼ି ଏହି ଫିଲ୍ମ ପ୍ରତି ଆକୃଷ୍ଟ ହୋଇଛନ୍ତି। କିଛି ଯୁବକ ହାତରେ ଖଣ୍ଡା ଓ ଖେଳନା ବନ୍ଧୁକ ଧରି ଭିଡିଓ ପ୍ରସ୍ତୁତ କରିଥିଲେ। ସେହି ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହୋଇଥିଲା। ପରେ ସେମାନେ ଡନ୍ ଷ୍ଟାଇଲରେ ଲୋକଙ୍କୁ ଧମକ ଦେଇ ଅଞ୍ଚଳରେ ଆତଙ୍କ ଖେଳାଉଛନ୍ତି। ଏହା ସହ ସେମାନେ କିଛି ଲୋକଙ୍କୁ ଧମକ ଦେଇଥିବା ମଧ୍ୟ ଅଭିଯୋଗ ହୋଇଥିଲା।

## ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଫଳତା

### ରାଜ୍ୟସ୍ତରୀୟ ପ୍ରାଦେଶିକ, ଗଣିତ ମେଧା ପରୀକ୍ଷା

ବ୍ରହ୍ମପୁର ଅଫିସ,୨୫।୪

ରାଜ୍ୟସ୍ତରୀୟ ୫ମ, ୭ମ ଓ ୯ମ ଶ୍ରେଣୀ ପ୍ରାଦେଶିକ ଓ ଗଣିତ ମେଧା ପରୀକ୍ଷାରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରରେ ରେକର୍ଡ ସଫଳତା ହାସଲ କରି ପୂର୍ବ ଗୌରବ ବଜାୟ ରଖିଛନ୍ତି। ରାଜ୍ୟସ୍ତରୀୟ ସଫଳତା ହାସଲ କରିଥିବା ପିଲାମାନେ ହେଲେ ୫ମ ଶ୍ରେଣୀର ପ୍ରାଦେଶିକ ମେଧାରେ ଅମନ କୁମାର ପ୍ରଧାନ ରାଜ୍ୟସ୍ତରରେ ପଞ୍ଚମ ସ୍ଥାନରେ ମୋଟ ୧୭୮ ନମ୍ବର(୮୯%), ୭ମ ଶ୍ରେଣୀ ପ୍ରାଦେଶିକ ମେଧାରେ ଚିନ୍ମୟ ପଣ୍ଡା ତୃତୀୟ ସ୍ଥାନରେ ମୋଟ ୧୭୪ ନମ୍ବର(୮୭%), ହରିପ୍ରିୟା ସାହୁ ପଞ୍ଚମ ସ୍ଥାନ ରଖି ମୋଟ ୧୭୦ ନମ୍ବର(୮୫%), ଅର୍ପିତା ଆଚାର୍ଯ୍ୟ ସପ୍ତମ ସ୍ଥାନ ୧୬୪ ନମ୍ବର (୮୨%), ବିଶ୍ୱଜିତ୍ ପାତ୍ର ଅଷ୍ଟମ ସ୍ଥାନ ୧୬୨ ନମ୍ବର(୮୧%), ନୀହାର ରଞ୍ଜନ ପାଣୀ ନବମ ସ୍ଥାନ ୧୬୦ ମାର୍କ (୮୦%), ପ୍ରତ୍ୟୁଷ କୁମାର ନାୟାକ ଦଶମ ସ୍ଥାନ ୧୫୮ ନମ୍ବର(୭୯%) ଓ ମନରଞ୍ଜନ ପଟ୍ଟନାୟକ ୧୫୮ ନମ୍ବର(୭୯%) ରଖିଛନ୍ତି।

ସେହିପରି ୭ମ ଶ୍ରେଣୀ ଗଣିତ ମେଧାରେ ବିଶ୍ୱଜିତ୍ ପାତ୍ର ଦଶମ ସ୍ଥାନ ୭୦ ନମ୍ବର(୭୦%) ରଖିଛନ୍ତି। ସେହିଭଳି ନବମ ଶ୍ରେଣୀ ଗଣିତ ମେଧାରେ ବିଶ୍ୱସ୍ୱରୁପ ପାଢ଼ୀ ପଞ୍ଚମ ସ୍ଥାନ ଅଧିକାର କରି ୮୬ ନମ୍ବର ରଖି (୮୬%) ରଖିଛନ୍ତି, ବିଶ୍ୱଜିତ୍ ବେହେରା ଅଷ୍ଟମ ସ୍ଥାନ ୮୦ ନମ୍ବର(୮୦%)ରଖିଛନ୍ତି ଓ ଡି.କ୍ଷୀରୋଦ ଚନ୍ଦ୍ର ୧୦ମ ସ୍ଥାନ ଅଧିକାର କରି ୭୬ ନମ୍ବର(୭୬%) ରଖିଛନ୍ତି। ୯ମ ଶ୍ରେଣୀ ପ୍ରାଦେଶିକ ମେଧାରେ ବିଶ୍ୱସ୍ୱରୁପ ପାଢ଼ୀ ସାରା ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରି ମୋଟ ୧୬୬ ନମ୍ବର(୮୩%), ସ୍ୱୟଂପ୍ରଜ୍ଞା ତ୍ରିପାଠୀ ସପ୍ତମ ସ୍ଥାନ ମୋଟ ୧୫୪ ନମ୍ବର(୭୭%), ଅଭିନ୍ନ ଶଙ୍କର ସାହୁ ନବମ ସ୍ଥାନ ଅଧିକାର କରି ମୋଟ ୧୫୦ ନମ୍ବର(୭୫%), ସ୍ୱାସ୍ତିକ ନାହାକ ନବମ ସ୍ଥାନ ଅଧିକାର କରି ମୋଟ ୧୫୦ ନମ୍ବର(୭୫%), ଦେବଜ୍ୟୋତି ବିଶ୍ୱାଳ ନବମ ସ୍ଥାନ ଅଧିକାର କରି ମୋଟ ୧୫୦ନମ୍ବର(୭୫%) ଯୋଗଜନ୍ମା ପାଣିଗ୍ରହୀ ରାଜ୍ୟସ୍ତରରେ ଦଶମ ସ୍ଥାନ ଅଧିକାର କରି ମୋଟ ୧୪୫ ନମ୍ବର(୭୪%)ରଖି ବିଦ୍ୟାଳୟର ପୂର୍ବ ଗୌରବକୁ ବଜାୟ ରଖିଛନ୍ତି । ରାଜ୍ୟସ୍ତରରେ ବିଦ୍ୟାଳୟର ମୋଟ ୧୮ ଛାତ୍ରୀଛାତ୍ର ପ୍ରଥମ ୧୦ଟି ସ୍ଥାନ ଅଧିକାର କରିଥିବାରୁ ଅନୁଷ୍ଠାନ ପରିଚାଳନା ସମିତି ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, ଉପସଭାପତି ଡ. ବାଳକୃଷ୍ଣ ଚୌଧୁରୀ, ସମ୍ପାଦକ ସୁଦର୍ଶନ ପାଢ଼ୀ, ଯୁଗ୍ମ ସମ୍ପାଦିକା ଇଂ. ମମତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ବି. ଗଜପତି ରାଓ, ସଦସ୍ୟ ଭୀମ ସେଠୀ, ସଦସ୍ୟା ପ୍ରଣତି ସାମଲ, ଉପଦେଷ୍ଟା ଧର୍ମରାଜ ସାହୁ, ନାରାୟଣ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନରସିଂହ ଚୌଧୁରୀ, ହରିକୃଷ୍ଣ ପାଢ଼ୀ, ରବୀନ୍ଦ୍ରନାଥ ଜେନା, ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଏସ୍. ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଉମାଧବ ମହାନ୍ତି, ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ତଥା ସମସ୍ତ ଅଭିଭାବକଙ୍କ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଓ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ବୃନ୍ଦ।